## କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଯୁବ ଲେଖକ ସମ୍ମିଳନୀ

# ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ଫକୀରପୁରର ତ୍ରିଲୋଚନ

ଆନନ୍ଦପୁର,୧୮।୧୦(ଆ.ପ୍ର.): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଦାର୍ଜିଲିଂରେ ଆୟୋଜିତ ପୂର୍ବାଞ୍ଚଳ ଯୁବ ଲେଖକ ସମ୍ମିଳନୀରେ ଓଡିଶାକୁ ପ୍ରତିନିଧିତ୍ୱ କରିବେ ଆନନ୍ଦପୁର ପୌରପରିଷଦ ଫକୀରପୁରର ତ୍ରିଲୋଚନ ସାହୁ । ଚଳିତ ମାସ ୨୨ ଓ ୨୩ ରେ ଦାର୍ଜିଲିଂରେ ଆୟୋଜିତ ସମ୍ମିଳନୀରେ ତ୍ରିଲୋଚନଙ୍କୁ କବିତା ବିଭାଗ ପାଇଁ ପ୍ରତିନିଧିତ୍ୱ କରିବେ । ଏଥିପାଇଁ ତ୍ରିଲୋଚନ ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହ, ସାହିତ୍ୟ ଏକାଡେମୀ ରିଜିଓନାଲ ଅଫିସ କୋଲକତାର ରଜିଓନାଲ ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶଙ୍କୁ କୃତଜ୍ଞତା ଜଣାଇଛନ୍ତି । ତ୍ରିଲୋଚନଙ୍କ ଏଭଳି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।